ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨ ସେପ୍ଟେମ୍ବର, ୨୦୨୦



## ମଜଦୁର କଂଗ୍ରେସର ଦାବିପତ୍ର

**କେନ୍ଦ୍ରାପଡ଼ା ଅଫିସ:** ରାଷ୍ଟ୍ରୀୟ ମଜଦୁର କଂଗ୍ରେସର କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ଶ୍ରମିକ ସମସ୍ୟାକୁ ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୧୨ ଦଫା ଦାବିପତ୍ର ଜିଲା ଶ୍ରମ ଅଧିକାରୀଙ୍କୁ ମଙ୍ଗଳବାର ପ୍ରଦାନ କରାଯାଇଛି। ଜିଲା ସଭାପତି ମୁକ୍ତାର ଖାଁ କହିଛନ୍ତି, ଦେଶରେ ତାଲାବନ୍ଦ ପରେ ପ୍ରବାସରୁ ଲକ୍ଷାଧିକ ଶ୍ରମିକ ଜିଲାକୁ ଆସିଛନ୍ତି। ତେବେ ଏମାନଙ୍କୁ କର୍ମ ନିଯୁକ୍ତି ମିଳି ନାହିଁ। ଫଳରେ ଦୀର୍ଘ ୬ ମାସ ଧରି ଶ୍ରମିକ ପରିବାରରେ ଏକ ଅଭାବୀ ପରିସ୍ଥିତି ସୃଷ୍ଟି ହୋଇଛି। କରୋନା ମହାମାରୀ ଦେଶରେ କାୟା ବିସ୍ତାର କରିଥିବା ବେଳେ ଏବେ ଜିଲାର ଶ୍ରମିକ ପ୍ରବାସ ଆଡେ ମୁହାଁଉଛନ୍ତି। ସରକାରୀ ଯୋଜନାରୁ ଏମାନେ ବଞ୍ଚିତ ହୋଇଥିବା ନେଇ ଦାବିପତ୍ର ପ୍ରଦାନ କରାଯାଇଛି।

## ସଂକ୍ଷେପରେ

### ଚୋରା କୋଇଲା ଗାଡ଼ି ଜବତ, ଜଣେ ଗିରଫ

**କୋରେଇ, ୧୯ (ସ୍ୱ.ପ୍ର.):** ଯାଜପୁର ଜିଲା ପାଣିକୋଇଲି ଥାନା ପୋଲିସ ମଙ୍ଗଳବାର ଏକ ଚୋରା କୋଇଲା ବୋଝେଇ ଟ୍ରକ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଟ୍ରକରେ ୨୯,୪୮୦ ଟନ୍ କୋଇଲା ଚୋରା ଚାଲାଣ ହେଉଥିଲା। ଏ ନେଇ ପାଣିକୋଇଲି ଥାନାରେ ଏକ ମାମଲା (୧୮୮/୨୦୨୦) ରୁଜୁ ହୋଇଛି।

### ଥାନା ନିର୍ମାଣ ପାଇଁ କ୍ୟାବିନ୍ ଉଠାଇଲେ ଉଠା ଦୋକାନୀ

**ପଞ୍ଚାମୁଣ୍ଡାଇ, ୧୯ (ଡି.ଏନ୍.ଏ.):** ପଞ୍ଚାମୁଣ୍ଡାଇ ଥାନାର ନୂତନ ଗୃହ ନିର୍ମାଣ ପାଇଁ ପଞ୍ଚାମୁଣ୍ଡାଇ ବାଇପାସ ଛକ ନିକଟରେ ସ୍ଥାନ ନିରୂପଣ କରାଯାଇଛି। ୩୦ରୁ ଉର୍ଦ୍ଧ୍ୱ ଉଠା ଦୋକାନୀ କ୍ୟାବିନ୍ ପକାଇ ସେଠାରେ ବ୍ୟବସାୟ କରୁଥିଲେ। ଉକ୍ତ ସ୍ଥାନରେ ନୂତନ ଥାନା ଗୃହ ନିର୍ମାଣ ପାଇଁ ଶୁଭ ଦିଆଯିବା ଦର୍ଶାଇ ଆଇଆଇସି ରାକେଶ କୁମାର ତ୍ରିପାଠୀ ୨୯ରେ ଦୋକାନୀମାନଙ୍କୁ ନୋଟିସ୍ ଦେଇଥିଲେ। ଏନେଇ ଦୋକାନୀମାନେ ବାଧହୋଇ କ୍ରେନ ଯୋଗେ କ୍ୟାବିନ୍‌ଗୁଡିକୁ ଉଠାଇ ନେଇଛନ୍ତି।

### ସାପ କାମୁଡ଼ାରେ ଜଣେ ମୃତ

**ଚଣ୍ଡିଖୋଲ, ୧୯ (ଡି.ଏନ୍.ଏ.):** ସାପ କାମୁଡ଼ାରେ ବଡ଼ଚଣା ଥାନା ଅଧୀନ ଖଏରା ଗ୍ରାମର ଭୀମସେନ ଓଝା (୪୫)ଙ୍କର ସୋମବାର ମୃତ୍ୟୁ ଘଟିଛି। ଭୀମସେନ ବନ୍ୟାପାଣିରେ ପଶି ଚଣ୍ଡିଖୋଲ ଛକରେ ଥିବା ନିଜ ଗ୍ୟାରେଜକୁ ଯାଉଥିବା ବେଳେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ସଙ୍ଗେସଙ୍ଗେ ତାଙ୍କୁ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ୮୧ ହଜାର ଟଙ୍କା ଲୁଟ୍

**ନୟାଗଡ଼ ଅଫିସ,୧୯:** ନୟାଗଡ଼ ଜିଲା ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡି ଡମସାହି ଗାଁ ନିକଟରେ ମଙ୍ଗଳବାର ୮୧ ହଜାର ଟଙ୍କା ଲୁଟ୍ ହୋଇଛି। ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ଜଣେ କର୍ମଚାରୀ ଟଙ୍କା ଆଦାୟ କରି ଫେରୁଥିବାବେଳେ ୨ଜଣ ଲୁଟେରା ପିଛା କରି ତାଙ୍କଠାରୁ ଏହି ଟଙ୍କା ଲୁଟିନେଇଛନ୍ତି। ଏ ନେଇ ଦର୍ପନାରାୟଣପୁର ଫାଣ୍ଡିରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ନୟାଗଡ଼ରେ ୬୭ ଆକ୍ରାନ୍ତ ଚିହ୍ନଟ

**ନୟାଗଡ଼ ଅଫିସ,୧୯:** ମଙ୍ଗଳବାର ନୟାଗଡ଼ ଜିଲାରୁ ୬୭କରୋନା ଆକ୍ରାନ୍ତ ଚିହ୍ନଟ ପରେ ଜିଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୧୪୭ରେ ପହଞ୍ଚିଛି। ଭାପୁର ବ୍ଲକରୁ ୧୦, ଗଣିଆରୁ ଜଣେ, ଖଣ୍ଡପଡାରୁ ୭, ନୟାଗଡ଼ ବ୍ଲକରୁ ୨୨ ଓ ପୌରାଞ୍ଚଳରୁ ୯, ଓଡଗାଁ ବ୍ଲକରୁ ୧୦ ଓ ଏନ୍‌ଏସି ୩, ରଣପୁରରୁ ୩, ଦଶପଲ୍ଲା ବ୍ଲକରୁ ଜଣେ ଓ ଏନ୍‌ଏସିରୁ ଜଣେ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷେ ଓଡଗାଁ ବ୍ଲକର ଭଗବତୀପ୍ରସାଦ, ମହେଶ୍ୱରପୁର, ନରସିଂହପ୍ରସାଦ, ରୋହିବାଙ୍କ ଓ ଖଣ୍ଡପଡା ବ୍ଲକର ଜଗନ୍ନାଥପ୍ରସାଦ, କାଦୁଅପଡା, କାଦୁଆପଡାପାଟଣା ଗାଁରୁ କଣ୍ଟେନ୍‌ମେଣ୍ଟ ଜୋନ୍ ୩୧ତାରିଖରୁ ପ୍ରତ୍ୟାହାର ହୋଇଥିବା ଜିଲାପାଳ ପୋମା ଟୁଡୁ ସୂଚନା ଦେଇଛନ୍ତି।

### ପଞ୍ଚାମୁଣ୍ଡାଇ ପୌର କାର୍ଯ୍ୟାଳୟରେ ସ୍ୱାୟତ୍ତ ଶାସନ ଦିବସ

**ପଞ୍ଚାମୁଣ୍ଡାଇ, ୧୯ (ସ୍ୱ.ପ୍ର.):** ପଞ୍ଚାମୁଣ୍ଡାଇ ପୌର କାର୍ଯ୍ୟାଳୟଠାରେ ସୋମବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଆଗାମୀ ଦିନରେ ପୌରାଞ୍ଚଳକୁ ସରସସୁନ୍ଦର କରି ଗଢ଼ିତୋଳିବାକୁ ନିର୍ବାହୀ ଅଧିକାରୀ ସ୍ୱାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏଥିରେ ଅଭୟ ଦାଶ, ରାଜକିଶୋର ଦାସ, ସନନ୍ଦ ପ୍ରଧାନ, ସରୋଜ ପଣ୍ଡାଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। କୋଭିଡ୍ ନିୟମ ମାନି ଏହା ପାଳନ କରାଯାଇଥିଲା। ଶେଷରେ ବାଇଧର ମଲିକ ଧନ୍ୟବାଦ ଦେଇଥିଲେ।

# ବନ୍ୟାବିପନ୍ନଙ୍କୁ ଡରାଇଲାଣି ବର୍ଷା

**କେନ୍ଦ୍ରାପଡ଼ା ଅଫିସ/ମାର୍ଶାଘାଇ/ପାଟକୁରା/ଆଳି (ଡି.ଏନ୍.ଏ.), ୧୯**

- ୭୬ ପଞ୍ଚାୟତବାସୀ ହେଉଛନ୍ତି ରାତି ଅନିଦ୍ରା
- ୩୩ ହଜାର ହେକ୍ଟର ଜମିରେ ଫସଲ ଆଶା ନାହିଁ
- ଆହୁରି ଦୁଇଦିନ ପାଣି ରହିବା ଆଶଙ୍କା

କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ପାଟକୁରା ପଞ୍ଚାୟତ ଜଗନ୍ନାଥପୁର ଗ୍ରାମ ନିକଟରେ ଚିତ୍ରୋତ୍ପଳା ନଦୀ ବିପଦ ସୃଷ୍ଟି କରିଛି । ଏଠାରେ ଥିବା ନଦୀବନ୍ଧରେ ବିଶାଳ ଘଳିଆ ଅଞ୍ଚଳବାସୀଙ୍କ ନିଦ ହଜାଇଛି । ନଦୀବନ୍ଧର ଏହି ଘଳିଆକୁ ବନ୍ଦ କରିବା ପାଇଁ ଗ୍ରାମବାସୀ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇପାରି ନାହାନ୍ତି। ମହାନଦୀ ସିଷ୍ଟମରେ ଥିବା ଲୁଣା, କରାଣ୍ଡିଆ, ପାଇକା, ମହାନଦୀ ଆଦିର ନଦୀବନ୍ଧରେ ସମାନ ସମସ୍ୟା। ୬୦ରୁ ଉର୍ଦ୍ଧ୍ୱ ସ୍ଥାନରେ ଜଳସମ୍ପଦ ବିଭାଗ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ମରାମତି ହେଉଛି। ଚିତ୍ରୋତ୍ପଳା ନଦୀରେ ଭାସିଆସିଥିବା ଜଣେ ଅଜଣା ଯୁବକଙ୍କ ମୃତଦେହ ପୁନ୍ଦାଲୋ ନିକଟରେ ଗ୍ରାମବାସୀ ମଙ୍ଗଳବାର ଉଦ୍ଧାର କରିଛନ୍ତି। ଅପରପକ୍ଷେ ଆସନ୍ତା ବୁଧବାର ପୂର୍ଣ୍ଣିମା ଥିବାରୁ ସମୁଦ୍ରକୁ ଆଶାନୁରୂପକ ବନ୍ୟା ଜଳ ନିଷ୍କାସନ ହୋଇପାରୁ ନାହିଁ। ପୂର୍ଣ୍ଣିମା ପାଇଁ ସମୁଦ୍ର ଫୁଲି ଥିବାରୁ ଜଳ ନିଷ୍କାସନରେ ସମସ୍ୟା ଦେଖାଯାଇଛି। ସେହିପରି ଆସନ୍ତା ଦୁଇଦିନ ଧରି ବର୍ଷା ହେବା ସମ୍ଭାବନା ଥିବା ପାଣିପାଗ ବିଶେଷଜ୍ଞଙ୍କ ସୂଚନା



ଚିତ୍ରୋତ୍ପଳା ନଦୀର ଜଗନ୍ନାଥପୁରଠାରେ ସୃଷ୍ଟି ହୋଇଥିବା ଘଳିଆ।

ପରେ ବନ୍ୟାଘେରରେ ଥିବା ଜିଲାବାସୀ ଆତଙ୍କିତ ହୋଇଛନ୍ତି।

ଗରଦପୁର ବ୍ଲକ ବେଡାରୀ ଗ୍ରାମର ମହେଶ କୁମାର ବାରିକ କହନ୍ତି, ଚଳିତ ବନ୍ୟା ୧୯୮୨ ବନ୍ୟାକୁ ମନେ ପକାଇ ଦେଇଛି। ବନ୍ୟା ପ୍ରକୋପରେ ଏଠାରେ ଏକ ଘାଇ ହୋଇ ବହୁ ଜନ ଓ ଧନ ନଷ୍ଟ କରିଥିଲା। ୩୨ ଗ୍ରାମ ବନ୍ୟା କବଳରେ ପଡିଥିବା ବେଳେ ପ୍ରାୟ ୨୦ ହଜାର ଲୋକଙ୍କ ଜୀବନଧାରା ପ୍ରଭାବିତ ହୋଇଥିଲା। ଏଠାରେ ପଥର ପାକିଂ କରାଯାଇଥିଲେ ମଧ୍ୟ ଗତ ୫ ବର୍ଷ ଧରି ନିରୀକ୍ଷଣ କରାଯାଉନାହିଁ । ପଥର ନଦୀକୁ ଖସିଯାଇଛି। ବିଭିନ୍ନ ସ୍ଥାନରେ ଘଳିଆ ମାଧ୍ୟମରେ ଗ୍ରାମକୁ ପାଣି ପଶୁଛି। ରାତି ସାରା ଉଜାଗର ରହି ନଦୀବନ୍ଧକୁ ଜଗିବାକୁ ପଡୁଛି। ମହାକାଳପଡା ବାହାକାଣ୍ଡିଆ ଗ୍ରାମର ପ୍ରଶାନ୍ତ ଜେନା କହନ୍ତି, କଚେରିପଡା, କଳପଡା, ନଇନ୍ଦିପୁର ଆଦି ସ୍ଥାନରେ ଘଳିଆ ପଡିବା ଫଳରେ ବାଲିବସ୍ତା ଓ ପାଇପ ମାଧ୍ୟମରେ ମରାମତି ହୋଇଛି । ତେବେ ବନ୍ୟା ସମୟରେ ଘଳିଆ ମାରିବାରେ ବ୍ୟସ୍ତ ଜଳ ସମ୍ପଦ ବିଭାଗର ଅଧିକାରୀଙ୍କୁ ନଦୀବନ୍ଧରେ ଦେଖିବାକୁ ମିଳୁନାହିଁ। ବନ୍ୟା ପରିଚାଳନାରେ ପ୍ରଶାସନିକ ଅଧିକାରୀ ସମର୍ଥ ହେଉନାହାନ୍ତି। ଠିକାଦାରଙ୍କୁ କାମର ଟେଣ୍ଡର ଦେଇ ଚୁପ ବସୁଛନ୍ତି। ନଦୀବନ୍ଧକୁ ଚଉଡା କରିବା ବଦଳରେ ଉପର ଅଂଶକୁ ଉଚ୍ଚା କରାଯାଉଛି । ଏଥିପାଇଁ ଘଳିଆ ପଡୁଛି। ଆଳି ବ୍ଲକ ହଳୁପଡା ଗ୍ରାମର ପୁଷ୍ପା ନାୟକ କହନ୍ତି, ଏହି ଅଞ୍ଚଳକୁ ଗତ ୧୨ଦିନ ହେବ ବନ୍ୟାଜଳ ଘେରିରହିଛି। ଅଦ୍ୟାବଧି ଜିଲା ପ୍ରଶାସନ ଅଥବା ରାଜନେତାଙ୍କ ଦେଖା ମିଳୁନାହିଁ। ସର୍ବନିମ୍ନ ଆବଶ୍ୟକ ଥିବା ଶୁଦ୍ଧ ପାନୀୟ ଜଳ ବଦଳରେ ବନ୍ୟାଜଳ ବ୍ୟବହାର କରୁଥିବା ସେ ପ୍ରକାଶ କରିଛନ୍ତି। ବନ୍ୟା ସ୍ଥିତି ସମ୍ପର୍କରେ ଜିଲା ଜରୁରିକାଳୀନ ଅଧିକାରୀ ସମ୍ବିତ କୁମାର ଶତପଥୀ କହିଛନ୍ତି, ଜିଲାର ୭୬ ପଞ୍ଚାୟତ, ୭ ପୌରାଞ୍ଚଳର ୱାର୍ଡରେ ବନ୍ୟା ଜଳ ଅଛି । ପ୍ରାୟ ୩ ଲକ୍ଷ ଲୋକଙ୍କୁ ବନ୍ୟା ଜଳ ପ୍ରଭାବିତ କରିଥିବା ବେଳେ ଇତିମଧ୍ୟରେ ଆଳିର ଜଣେ ଲୋକ ବନ୍ୟାରେ ଭାସିଯାଇଥିବା ସୂଚନା ମିଳିଛି। ୨୦୦ରୁ ଉର୍ଦ୍ଧ୍ୱ ଦେଶୀ ଡଙ୍ଗା ଓ ଯାନ୍ତ୍ରିକ ଡଙ୍ଗା ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। କୃଷି ବିଭାଗର ପ୍ରାଥମିକ ଆକଳନ ଅନୁଯାୟୀ ୩୩ ହଜାର ହେକ୍ଟର ଚାଷଜମିରେ ପାଣି ଜମି ରହିଛି। ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରବୋଧ ରାଉତ କହିଛନ୍ତି, ବ୍ରାହ୍ମଣୀ ଓ ଖରସ୍ରୋତା ନଦୀରେ ବନ୍ୟା ଜଳସ୍ତର ଖସିଛି । ମହାନଦୀ ସିଷ୍ଟମରେ ଥିବା ନଦୀଗୁଡିକରେ ବନ୍ୟା ସ୍ଥିତି ପୂର୍ବପରି ଅଛି। ଆସନ୍ତା ଦୁଇଦିନ ମଧ୍ୟରେ ଏହା ନିଷ୍କାସିତ ହୋଇଯିବ ବୋଲି ସେ ଆକଳନ କରିଛନ୍ତି। ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ସମ୍ଭାବ୍ୟ ବର୍ଷା ଓ ବନ୍ୟା ଘେରରେ ଥିବା ଜିଲାବାସୀଙ୍କ ପାଇଁ କିଛିମାତ୍ରାରେ ଅସୁବିଧା ସୃଷ୍ଟି ହୋଇପାରେ । ତେବେ ଜିଲା ପ୍ରଶାସନ ଏହାର ମୁକାବିଲା ପାଇଁ ପ୍ରସ୍ତୁତି ସାରିଛି। ନିୟମିତ ଉଦ୍ଧାର କାର୍ଯ୍ୟ ଓ ରିଲିଫ୍ ସାମଗ୍ରୀ ଯୋଗାଣ ସହ ସ୍ୱାସ୍ଥ୍ୟ ଓ ପରିମଳକୁ ଗୁରୁତ୍ୱ ଦିଆଯାଉଛି।

## ୫ଦିନ ବିତିଲା, ବନ୍ୟାବିପନ୍ନଙ୍କୁ ରିଲିଫ୍ ମିଳିଲାନି

**ଚଣ୍ଡିଖୋଲ, ୧୯ (ଡି.ଏନ୍.ଏ.)**

ବଡ଼ଚଣା ବ୍ଲକ ଅଧୀନ ୨୪ ପଞ୍ଚାୟତ ବନ୍ୟା ଯୋଗୁ କ୍ଷତିଗ୍ରସ୍ତ ହୋଇଛି। ବିରୂପା, ଗେଙ୍ଗୁଟି ଓ କେଲୁଅ ନଦୀର ବନ୍ୟା ପାଣିରେ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଥିଲା ବେଳେ ଶତାଧିକ ଗ୍ରାମ ଜଳବନ୍ଦୀ ହୋଇଥିଲା। ଗାଁ ମଧ୍ୟକୁ ବନ୍ୟା ପାଣି ପ୍ରବେଶ କରିବାକୁ ଇତିମଧ୍ୟରେ ୫ଦିନ ବିତିଥିବା ବେଳେ ଅନେକ ଲୋକ ରାସ୍ତା କଡ଼ରେ ଓ ଛାତ ଉପରେ ଆଶ୍ରୟ ନେଇଛନ୍ତି। ଏବେ ବନ୍ୟା ଜଳ ହ୍ରାସ ପାଇଥିଲେ ବି ବିପନ୍ନଙ୍କ ନିକଟରେ ପ୍ରଶାସନ ପକ୍ଷରୁ ରିଲିଫ୍ ପହଞ୍ଚି ପାରିନି। ବ୍ଲକର ୨୪ ପଞ୍ଚାୟତକୁ କେବଳ ୧୪୨ ମେଟ୍ରିକ୍ ଟନ୍ ଗୋଖାଦ୍ୟ ଆସିଥିବା ବିଡିଓ ଅଜିତ୍ ନାରାୟଣ ଗିରି ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ବିପନ୍ନଙ୍କୁ ଚୁଡା ଗୁଡ ଦିଆଯାଇଥିଲା ବେଳେ ମାତ୍ର ମୁଣ୍ଡ ପିଛା ୨୫୦ ଗ୍ରାମ ଚୁଡା ଦିଆଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବେଣୀପୁର ଘାଇ ଯୋଗୁ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ଦେକୁରୀ ଗ୍ରାମରେ କେବଳ ରନ୍ଧା ଖାଦ୍ୟ ଦିଆଯାଉଥିବା ବେଳେ ଅନ୍ୟ କୌଣସି ସ୍ଥାନରେ ରନ୍ଧାଖାଦ୍ୟ ଦିଆଯାଇନାହିଁ। ବନ୍ୟାଞ୍ଚଳରେ ତୁରନ୍ତ ରିଲିଫ ଯୋଗାଇ ଦେବାକୁ ବିପନ୍ନମାନେ ଦାବି କରିଛନ୍ତି।

# ବନ୍ୟାଜଳରେ ବୁଡ଼ିରହିଛି ଫସଲ

**ନୟାଗଡ଼ ଅଫିସ/ଗଣିଆ, ୧୯(ଡି.ଏନ.ଏ.)**

- ଉଜୁଡ଼ିଲା ପନିପରିବା ଫସଲ
- ଚାଷୀଙ୍କୁ କରଜ ପରିଶୋଧ ଚିନ୍ତା

ନୟାଗଡ଼ ଜିଲା ଗଣିଆ ବ୍ଲକରେ ମହାନଦୀର ବନ୍ୟାଜଳ ପଶି ଚାଷୀର ମେରୁଦଣ୍ଡ ଭାଙ୍ଗିଦେଇଛି। ମହାନଦୀରେ ଜଳସ୍ତର ହ୍ରାସ ପାଉଥିଲେ ମଧ ଚାଷଜମି ୫ଦିନ ହେଲା ବୁଡ଼ିରହିଛି। ଏବେ ବି ବ୍ଲକର ବିଭିନ୍ନ ରାସ୍ତାରେ ୩ରୁ ୫ଫୁଟ୍ ପାଣି ପ୍ରବାହିତ ହେଉଛି। ପନିପରିବା ଓ ଧାନ ଫସଲ ଉପରେ ବନ୍ୟାଜଳ ଲହଡି ମାରୁଛି। ଏହା ଦ୍ୱାରା ବ୍ଲକର ଶହ ଶହ ହେକ୍ଟର ପନିପରିବା ଫସଲ ଉଜୁଡି ଯାଇଛି। ଧାନ ଗଛରେ ପଟୁମାଟି ମାଡ଼ି ନଷ୍ଟ ହେବାକୁ ବସିଛି। ଏଭଳିସ୍ଥଳେ ଧାରକରଜ କରି ଚାଷ କରିଥିବା ଚାଷୀ ଋଣ ପରିଶୋଧ କିପରି କରିବ ସେ ନେଇ ଚିନ୍ତାରେ ପଡ଼ିଛି।

ପ୍ରକାଶ ଯେ, ଗଣିଆ ବ୍ଲକ ଅନ୍ତର୍ଗତ ଛାମୁଣ୍ଡିଆ, ରାସଙ୍ଗ, କିଶୋରପ୍ରସାଦ ଓ ବେଲପଡାପାଟଣା ପଞ୍ଚାୟତର ନଦୀକୂଳିଆ ଅଞ୍ଚଳରେ ଭଲ ପନିପରିବା ଫସଲ ହୁଏ। ଜଳସେଚନ ବ୍ୟବସ୍ଥା ନ ଥିଲେ ହେଁ ନିକଟରେ ମହାନଦୀ ଥିବାରୁ ଫସଲ ପାଇଁ ଅସୁବିଧା ନ ଥାଏ। ହେଲେ ବନ୍ୟାଜଳ ପଶି ପୋଟଳ, ବାଇଗଣ, ଭେଣ୍ଡି, କଲରା ଆଦି ପନିପରିବା ଫସଲକୁ ନଷ୍ଟ କରିପକାଇଛି। ଯେଉଁ ସ୍ୱଳ୍ପ ପରିବା ବାହାରୁଛି ରାସ୍ତାରେ ପାଣି ଜମି ରହିଥିବାରୁ ତାହା ବାହାର ବଜାରକୁ ଯାଇପାରୁନି। ଗଛରେ ପନିପରିବା ପଚି ନଷ୍ଟ ହେଉଛି ବୋଲି କୁହନ୍ତି ବେଣ୍ଟପଡା ଗ୍ରାମର ଚାଷୀ ଗନ୍ଧର୍ବ ବେହେରା । ଗୋପୀନାଥପୁରର ଚାଷୀ ଲକ୍ଷ୍ମୀଧର ସାମଲ କୁହନ୍ତି, ବିଶେଷକରି ଛାମୁଣ୍ଡିଆ, କିଶୋରପ୍ରସାଦ ଓ ବେଲପଡା ପଞ୍ଚାୟତରୁ ପୋଟଳ ସପ୍ତାହକୁ ୩ଥର ଭୁବନେଶ୍ୱର, ବ୍ରହ୍ମପୁର, ଖୋର୍ଦ୍ଧା, ନୟାଗଡ ଓ ବଲାଙ୍ଗୀର ବଜାରକୁ ଯାଉଥିଲା। ବନ୍ୟାଯୋଗୁ ଗଛରେ ଫଳିଥିବା ପୋଟଳ ପଚି ନଷ୍ଟ ହୋଇ ଯାଇଛି। ପାଣି ଜମିରହିଥିବାରୁ ଆଉ ପୋଟଳ ଗଛରେ ଫଳ ଧରିବ ନାହିଁ। ମୋ ପରି ପୋଟଳ ଚାଷକରି ବର୍ଷସାରା ପରିବାର ପ୍ରତିପୋଷଣ କରୁଥିବା ଚାଷୀମାନଙ୍କ ଆର୍ଥିକ ମେରୁଦଣ୍ଡକୁ ବନ୍ୟା ଭାଙ୍ଗିଦେଇଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରି ସରକାରୀ ସହାୟତା ତୁରନ୍ତ ଯୋଗାଇବା ବ୍ୟବସ୍ଥା କରାଯାଉ। କାଦୁଆର ନରସିଂହ ବସ୍ତି ଓ ରାଇଗାଡିଆ ବାସୁଦେବ ବେହେରା କୁହନ୍ତି, ବହୁଦିନ ଧରି ପାଣି ଜମିରହିବା ଦ୍ୱାରା ଧାନଗଛରେ ପଟୁ ଚଢ଼ିଯିବ। ପାଣି ଛାଡିବାର ଦିନେ କି ଦୁଇଦିନ ଭିତରେ ବର୍ଷା ହୋଇଗଲେ କିଛି ଗଛ ବଞ୍ଚିଯିବ। ତେବେ ଅମଳ କମିଯିବ।



ପୋଟଳ ବିଲରେ ବନ୍ୟାପାଣି ମାଡ଼ିଛି।

## ଧୋଇଗଲା ଫସଲ, ଚାଷୀଙ୍କୁ କ୍ଷତିପୂରଣ ଦାବି

**ଜେନାପୁର, (ଡି.ଏନ୍.ଏ.) ୧୯**

ଲଘୁଚାପ ବର୍ଷା ଓ ବ୍ରାହ୍ମଣୀ ନଦୀ ବନ୍ୟା ଜଳରେ ବନ୍ୟା ପାଣିରେ ଧର୍ମଶାଳା ବ୍ଲକ ଅଧୀନ ଜେନାପୁର, କବାଟ ବନ୍ଧ ଅଞ୍ଚଳର ଶତାଧିକ ହେକ୍ଟର ଧାନ ଓ ପନିପରିବା ଫସଲ ସମ୍ପୂର୍ଣ୍ଣ ଧୋଇଯାଇଛି। ଋଣ, ଧାରଉଧାର କରି ଚାଷୀମାନେ ହଜାର ହଜାର ଟଙ୍କା ଚାଷ କାର୍ଯ୍ୟରେ ଲଗାଇଥିବା ବେଳେ ଏବେ ସେମାନଙ୍କୁ କରଜ ଶୁଝିବା ଚିନ୍ତା ଘାରିଛି। ଏହାଛଡ଼ା ଜଳସେଚନ ବିଭାଗର ଅବହେଳା ଯୋଗୁ ମତଗୁଞ୍ଜର ପୋଲର ସାଇଫନ କବାଟଗୁଡିକ ମରାମତି କରାଯାଇନାହିଁ। ଫଳରେ ବ୍ରାହ୍ମଣୀ ନଦୀର ବନ୍ୟାଜଳ ସାଇଫନ୍‌ର ୩ଟି ଗେଟ୍ ଭାଙ୍ଗି ଚାଷଜମିରେ ପ୍ରବେଶ କରୁଥିବାରୁ ଫସଲ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଉକ୍ତ ଗେଟଗୁଡ଼ିକ ମରାମତି କରିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଘନଶ୍ୟାମ ପାତ୍ର, ହରିହର ସାମଲ, ମାନସ କୁମାର ସାମଲ, ଅଜୟ ରାଉତ, ସୁବାସ ଭୂୟାଁ, ବିଚତ୍ରାନନ୍ଦ ସାହୁ ପ୍ରମୁଖ ଚାଷୀ ଦାବି କରିଛନ୍ତି।

## ଉତ୍କଳ ବିଶ୍ୱବିଦ୍ୟାଳୟ: ଅଫ୍‌ଲାଇନ୍‌ରେ ୟୁଜି, ଅନ୍‌ଲାଇନ୍‌ରେ ପିଜି ପରୀକ୍ଷା ହୋଇପାରେ

**ଭୁବନେଶ୍ୱର, ୧୯(ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟରେ ୟୁଜି ଶେଷବର୍ଷ ସେମିଷ୍ଟର ପରୀକ୍ଷା ଅଫ୍‌ଲାଇନ୍‌ରେ ଓ ପିଜି ଶେଷବର୍ଷ ସେମିଷ୍ଟର ପରୀକ୍ଷା ଅନ୍‌ଲାଇନ୍‌ରେ ହେବ। ଏ ନେଇ ବିଶ୍ୱବିଦ୍ୟାଳୟରେ ପ୍ରାଥମିକ ସ୍ତରରେ ଆଲୋଚନା ଶେଷ ହୋଇଛି। ପିଜି କାଉନସିଲ ବୈଠକରେ ଆଉଥରେ ଆଲୋଚନା ହେବ। ପିଜି କାଉନସିଲ୍‌ର ଅନୁମତିକ୍ରମେ ଆମେ ଏହାକୁ ପ୍ରୟୋଗ କରିବୁ ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଶରତ ମାଝି କହିଛନ୍ତି। ସେ କହିଛନ୍ତି ଯେ, ୟୁଜି ପରୀକ୍ଷା ମଲ୍ଟିପଲ୍ ଚଏସ୍ ଓଏମ୍ଆର୍ ଆଧାରିତ ରହିବ, ଅର୍ଥାତ୍ ଅଫ୍‌ଲାଇନ୍‌ରେ ହେବ। ୫୦ହଜାର ୧୭୦ ଛାତ୍ରୀଛାତ୍ର ୟୁଜି ଶେଷ ସେମିଷ୍ଟର ପରୀକ୍ଷା ଦେବେ। ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ୯ ଜିଲାର ୨୭୮ କଲେଜ ଆସୁଛି। ତେବେ ଛାତ୍ରୀଛାତ୍ରମାନେ ଏହି ଜିଲାର ଯେକୌଣସି କଲେଜରେ ପରୀକ୍ଷା ଦେଇପାରିବେ। ସେହିପରି ପିଜି ପରୀକ୍ଷା ଅନ୍‌ଲାଇନ୍‌ରେ କରାଯିବ। ସାଢ଼େ ୩ ହଜାର ଛାତ୍ରୀଛାତ୍ର ପିଜି ସେମିଷ୍ଟର ପରୀକ୍ଷା ଦେବେ। ସେପ୍ଟେମ୍ବର ଶେଷସୁଦ୍ଧା ପରୀକ୍ଷା ଶେଷହେବ। ତେବେ ଦୁଇଦିନ ଭିତରେ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ପରୀକ୍ଷା ନିୟନ୍ତ୍ରକ ସୂଚନା ଦେଇଛନ୍ତି।

## ପାଣି ଘେରରେ ୭ ପଞ୍ଚାୟତ

**ଧର୍ମଶାଳା, ୧୯ (ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକରେ ବନ୍ୟା ସ୍ଥିତିରେ ସୁଧାର ଆସୁଛି। ହେଲେ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ବ୍ରାହ୍ମଣୀ ଓ କେଲୁଅ ନଦୀରେ ବନ୍ୟା ଯୋଗୁ ବ୍ଲକ ଅଧୀନ ୨୫ ପଞ୍ଚାୟତର ୯୪ ହଜାରରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ଏବେ ବି କଣ୍ଟିଗଡିଆ, ପଟୁଣିଆ, କଦମପାଳ, ଅରେଇକଣା, କୋଟପୁର, ମିର୍ଜାପୁର ଓ ପାଟପୁର ପଞ୍ଚାୟତ ପାଣିଘେରରେ ରହିଛି। ଗାଁ ରାସ୍ତାରେ ପାଣି ଚାଲୁଥିବାରୁ ଘରୁ ବାହାରିବା କଷ୍ଟକର ହୋଇପଡିଛି। ପାଟପୁର ପଞ୍ଚାୟତର ଅନେକ ଲୋକ ଏବେ ବିଲାଗୁଡ଼ିପାହାଡରେ ଆଶ୍ରୟ ନେଇଛନ୍ତି। ବନ୍ୟାପରେ ଘର ଭଙ୍ଗା କ୍ଷୟକ୍ଷତି ଆକଳନ କରାଯାଇ ସହାୟତା ଦିଆଯିବ ବୋଲି ଧର୍ମଶାଳା ବିଡିଓ ସ୍ମିତା ରଥ କହିଛନ୍ତି। ସେହିପରି କ୍ଷୟକ୍ଷତି ଆକଳନ କରାଯାଇ ସହାୟତା ଦିଆଯିବ ବୋଲି ବ୍ଲକ କୃଷି ଅଧିକାରୀ ପଲ୍ଲବି ନାୟକ ସୂଚନା ଦେଇଛନ୍ତି।

# କୁଜଙ୍ଗ, ତିର୍ତ୍ତୋଲ ଅଧିକ ପ୍ରଭାବିତ

**ଜଗତ୍‌ସିଂହପୁର ଅଫିସ/ତିର୍ତ୍ତୋଲ/ବିରିଡ଼ି(ଡି.ଏନ.ଏ.),୧୯**

- ୫ ସ୍ଥାନରେ ବିପଦସଙ୍କେତ ଉପରେ ଜଳ ପ୍ରବାହିତ
- ତିର୍ତ୍ତୋଲ ମୁଣ୍ଡାସାହି ନିକଟରେ ରାସ୍ତାରେ ପାଣି

ଜଗତ୍‌ସିଂହପୁର ଜିଲାରେ ବନ୍ୟା ଯୋଗୁ କୁଜଙ୍ଗ ଓ ତିର୍ତ୍ତୋଲ ବ୍ଲକ ଅଞ୍ଚଳ ଅଧିକ ପ୍ରଭାବିତ ହୋଇଛି। ତିର୍ତ୍ତୋଲ-ଗରଦପୁର ରାସ୍ତାର ମୁଣ୍ଡାସାହି ନିକଟରେ ବନ୍ୟା ଜଳ ପାଖାପାଖି ୧୫୦ ମିଟର ପର୍ଯ୍ୟନ୍ତ ପ୍ରବାହିତ ହେଉଛି। ମୁଣ୍ଡାସାହି ଲୋକଙ୍କୁ ତିର୍ତ୍ତୋଲ ହାଇସ୍କୁଲରେ ରଖାଯାଇଛି। ମଣିଜଙ୍ଗା ପଞ୍ଚାୟତ ପାଳନ୍ଦାରେ ବନ୍ୟାପାଣି ପଶିବାପରେ ଗ୍ରାମର ଲକ୍ଷ୍ମୀଧର ପାତ୍ର, ରବୀନ୍ଦ୍ର ଦାସ ଓ ଭରତ ମଲ୍ଲିକଙ୍କ ପରିବାର ସମେତ ୨୫ ପରିବାର ତାଳଦଣ୍ଡା କେନାଲ ବନ୍ଧରେ ଆଶ୍ରୟ ନେଇଛନ୍ତି। ଏମାନଙ୍କୁ ପ୍ରଶାସନ ପକ୍ଷରୁ ପାଲ ଦିଆ ଯାଇ ନ ଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ଅପରାହ୍ନରେ ବର୍ଷା ହେବାରୁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ତେଣୁ ଶୀଘ୍ର ପାଲ ପ୍ରଦାନ ପାଇଁ ନିବେଦନ କରିଛନ୍ତି। ତିର୍ତ୍ତୋଲ ତହସିଲ ପକ୍ଷରୁ ରାସ୍ତାରେ ବାଉଁଶ ପୋତାଯାଇ ଯାତାୟାତ ନ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଏହାଦ୍ୱାରା ତିର୍ତ୍ତୋଲ ଧୋଇଆ ଅଞ୍ଚଳର ୭ଟି ଓ କୁଜଙ୍ଗ ବ୍ଲକର ୩ଟି ପଞ୍ଚାୟତ ସମେତ କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକର ଏକାଧିକ ପଞ୍ଚାୟତର ଲୋକେ ପ୍ରଭାବିତ ହୋଇଛନ୍ତି। ତିର୍ତ୍ତୋଲ ବ୍ଲକ ଆମ୍ବେରି ପଞ୍ଚାୟତର ଭରାଗୋଳ ଗ୍ରାମର କିଛି ଅଂଶରେ ମଧ ବନ୍ୟା ଜଳ ପ୍ରବେଶ କରିଛି। ଏହି ଗାଁର ନଟବର ଗୁରୁ ଏବଂ କରୁଣାକର ବାରିକଙ୍କ ଘରେ ପାଣି ପଶିଥିବାରୁ ସେମାନେ ନଦୀ ବନ୍ଧରେ ଆଶ୍ରୟ ନେଇଛନ୍ତି। ମାତ୍ର ପ୍ରଶାସନ ପକ୍ଷରୁ ପାଲ ବ୍ୟବସ୍ଥା କରାଯାଇ ନ ଥିବାରୁ ଉଭୟ ପରିବାର ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନୁରୂପ ଭାବେ ପାଇକା ନଦୀ ବାମ ପାର୍ଶ୍ୱ ନଦୀ ବନ୍ଧର ଉକୁସାହି ନିକଟରେ ଘଳିଆ ପଡି ବିପଦ ସୃଷ୍ଟି କରିଛି। ବାଲି ବସ୍ତା ସାହାଯ୍ୟରେ ଘଳିଆ ବନ୍ଦ ପାଇଁ ଉଦ୍ୟମ ଜାରି ରହିଛି। ଏଥିଯୋଗୁ ସାମନ୍ତରାପୁର ପଞ୍ଚାୟତ ସମେତ ଅନ୍ୟ ଅଞ୍ଚଳର ଲୋକେ ଆତଙ୍କିତ ହୋଇ ପଡିଛନ୍ତି।

କୁଜଙ୍ଗ ବ୍ଲକର ୬ଟି ପଞ୍ଚାୟତରେ ବର୍ଷା ଜଳ ସାଙ୍ଗକୁ ବନ୍ୟାଜଳ ପ୍ରବେଶ କରି ଭୟ ସୃଷ୍ଟି କରିଛି। ହଂସୁରା ପଞ୍ଚାୟତ ଅନ୍ତର୍ଗତ ଅନ୍ନୋଳିପାଟଣା, ଶ୍ରୀଚନ୍ଦନପୁର, ଖୋସାଳପୁର, ସାଁପୁର, ମନ୍ଦଳପୁର, ହଂସୁରା ଗ୍ରାମବାସୀ ପ୍ରଭାବିତ ହୋଇଛନ୍ତି। ବାଲିକଣୀ ପଞ୍ଚାୟତର ସରଳୀ, କାଳିକୁଦ, ବାଲିକଣୀ, କାଠକୋଟ ପଞ୍ଚାୟତ ବାଣସରା, ଗୋବର୍ଦ୍ଧନପୁର, କୁକୁରଖାଇ, ବାରମାଣିଆ ଆଦି ଗ୍ରାମବାସୀ ମଧ କ୍ଷତିଗ୍ରସ୍ତ ହୋଇଛନ୍ତି। ଥାଇଲୋ ପଞ୍ଚାୟତର ହରିପୁର, ଜିଲାନାସୀ ପଞ୍ଚାୟତର ଜୟଶଙ୍କପୁର, ତେନ୍ତୁଳିଆ ଖମାର, କୁଜଙ୍ଗ ପଞ୍ଚାୟତର ଭଣ୍ଡୁଆ, ଭୂତମୁଣ୍ଡାଇ ପଞ୍ଚାୟତର ଫୁଲବେଲାରୀ, ମଳାସାହି ପଞ୍ଚାୟତର ମଧୁପୁର ଗ୍ରାମ ପ୍ରଭାବିତ ହୋଇଛି। ସେହିପରି ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଦଳେଇଘାଇ ଓ ତତ୍‌ସଂଲଗ୍ନ ନଦୀବନ୍ଧ ପରିଦର୍ଶନ କରିଛନ୍ତି। ଘାଇ ସୃଷ୍ଟିପରେ ତିଆରି କରାଯାଇଥିବା ବୁରୁଜଗୁଡିକୁ ଅଧିକ ଲମ୍ବ କରିବା ସହ ଏଠାରେ ହେବାକୁ ଥିବା ଇନଷ୍ଟିମ ବ୍ୟାରେଜ କିପରି ଶୀଘ୍ର ହେବ ସେଥିପାଇଁ ଦୃଷ୍ଟିଦେବାକୁ ଜନପ୍ରତିନିଧି ମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ। ବନ୍ୟା ଯୋଗୁ ବିରିଡି ବ୍ଲକ ୨୨ମୌଜା ଦେବୀନଦୀକୂଳ ଅଳିପଡା ଗ୍ରାମରେ ପରିବା ଫସଲ ନଷ୍ଟ ହୋଇଛି। ଚାଷୀ ନିତ୍ୟାନନ୍ଦ ଜେନା କୁହନ୍ତି, ଋଣକରି ୩ ଏକର ପରିବା ଚାଷ କରିଥିଲି, ତାହା ଉଜୁଡିଗଲା। ଏବେ କିପରି ଋଣ ଶୁଝିବି। ତେଣୁ ସରକାର ତୁରନ୍ତ ସହାୟତା ଯୋଗାଇ ଦେବାପାଇଁ ସେ ଦାବି କରିଛନ୍ତି।

ଅପରାହ୍ନ ୩ଟା ସୁଦ୍ଧା ମହାନଦୀର ତାରପୁରଠାରେ ବିପଦସଙ୍କେତ ୯.୮୦ ମିଟର ଥିବାବେଳେ ସେଠାରେ ୧୧.୧ ମିଟର ଜଳ ପ୍ରବାହିତ ହେଉଛି। ଏହି ନଦୀର ତାର୍ତ୍ତୋଲଠାରେ ବିପଦସଙ୍କେତ ୪.୯୩୫ ମିଟର ଥିବାବେଳେ ୫.୪୪ ମିଟର ଜଳ ପ୍ରବାହିତ ହେଉଛି। ପାଇକା ନଦୀର ଶଙ୍ଖେଶ୍ୱରଠାରେ ବିପଦସଙ୍କେତ ୨୨.୭୫ ଫୁଟ ଥିବାବେଳେ ୨୭.୨୦ ଫୁଟ ଜଳ ପ୍ରବାହିତ ହେଉଛି। ଦେବୀ ନଦୀର ଦଳେଇଘାଇଠାରେ ବିପଦସଙ୍କେତ ୫୫ ଫୁଟ ଥିବାବେଳେ ୫୬.୯୦ ଫୁଟ ଜଳ ପ୍ରବାହିତ ହେଉଛି। ଆଳିପିଙ୍ଗଳଠାରେ ବିପଦସଙ୍କେତ ୧୦.୮୫ ମିଟର ଥିବାବେଳେ ୧୧.୨୦ ମିଟର ଓ ମାଛଗାଁଠାରେ ବିପଦସଙ୍କେତ ୧୧ଫୁଟ ଥିବାବେଳେ ୧୪.୩୦ ଫୁଟ ଜଳ ପ୍ରବାହିତ ହେଉଛି । ବିଲୁଆଖାଇ ନଦୀର ବୀରବରପାଟଣାଠାରେ ବିପଦସଙ୍କେତ ୧୪.୪୦ ମିଟର ଥିବାବେଳେ ୧୪.୮୦ ମିଟର ଜଳ ପ୍ରବାହିତ ହେଉଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ତିର୍ତ୍ତୋଲ ବ୍ଲକ ମଣିଜଙ୍ଗା ପଞ୍ଚାୟତର ପାଳନ୍ଦା ଗ୍ରାମବାସୀ ନଦୀ ବନ୍ଧରେ ଆଶ୍ରୟ ନେଇଛନ୍ତି।

## ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ

**ନୟାଗଡ଼ ଅଫିସ/ରଣପୁର, ୧୯(ସ୍ୱ.ପ୍ର.)**

ରଣପୁର ଆଦର୍ଶ ସ୍କୁଲରେ ପାଠପଢ଼ା ମହଙ୍ଗା ପଡିଛି। ଆଡ୍‌ମିଶନ ପରେ ସ୍କୁଲ ଲିଭିଂ ସାର୍ଟିଫିକେଟ (ଏସ୍ଏଲ୍‌ସି) ଫେରାଇବା ଘଟଣା ଅସନ୍ତୋଷ ସୃଷ୍ଟି କରିଛି। ଏଠାରେ ଆଡ୍‌ମିଶନ କରିଥିବା ୮୦ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳାଯାଉଥିବା ଅଭିଯୋଗ କରି ଅଭିଭାବକ ଓ ଛାତ୍ରୀଛାତ୍ର ସୋମବାର ରଣପୁର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏ ନେଇ ବାଙ୍କପୁରର ଅଭିଭାବକ ସନ୍ତୋଷ ବେହେରା କୁହନ୍ତି, ପ୍ରବେଶିକା ପରୀକ୍ଷାରେ ପାସ୍ କରିଥିବା ମୋ ଝିଅ ପରି ୮୦ ଛାତ୍ରୀଛାତ୍ରଙ୍କୁ ଜୁନରେ ରଣପୁର ଆଦର୍ଶ ସ୍କୁଲରେ ଆଡ୍‌ମିଶନ କରାଯାଇଥିଲା। ସ୍କୁଲ ଘର ତିଆରି ହୋଇନି ଓ ଶିକ୍ଷକ ନିଯୁକ୍ତି ପାଇନାହାନ୍ତି କହି ଆଡ୍‌ମିଶନ କାଗଜପତ୍ର ଫେରାଇ ଦେଉଛନ୍ତି। ଫୋନ୍ ପାଇଥିବା ୧୧ ଛାତ୍ରୀଛାତ୍ର ସାର୍ଟିଫିକେଟ ନେଇସାରିଲେଣି। ଏ ନେଇ ରଣପୁର ବିଇଓ ଉପେନ୍ଦ୍ର ନାଥ ସାହୁ କୁହନ୍ତି, ଆଦର୍ଶ ସ୍କୁଲର ଆନୁସଙ୍ଗିକ ସୁବିଧା ନ ଥିବାରୁ ଆଡ୍‌ମିଶନ କାଗଜପତ୍ର ଫେରାଇ ଦିଆଯାଉଛି। ଚଳିତବର୍ଷ ଅନ୍ୟ ସ୍କୁଲରେ ଆଡ୍‌ମିଶନ କରିବାରେ ଅସୁବିଧା ନାହିଁ।

